**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**29th March - 2024**

**News Editor : *Tapan Kumar Moharana***

***********************************

***Desk***

## ମନରେଗା ମଜୁରି ବୃଦ୍ଧି

କେନ୍ଦ୍ର ସରକାର ମହାତ୍ମାଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଣକୁଶଳୀ ଶ୍ରମିକମାନଙ୍କର ମଜୁରିକୁ ୨୫୪ ଟଙ୍କାକୁ ବୃଦ୍ଧି କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ବିଜ୍ଞପ୍ତି ଅନୁସାରେ ବର୍ଦ୍ଧିତ ମଜୁରି ହାର ଏପ୍ରିଲ୍ ପହିଲାରୁ ଲାଗୁ ହେବ । ଓଡ଼ିଶାରେ ଏହି ଯୋଜନା ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ପୂର୍ବରୁ ୨୩୭ ଟଙ୍କା ମିଳୁଥିଲା ।

***Desk***

## ସ୍କୁଲ୍ ମିଶ୍ରଣ ମାମଲା – ହାଇକୋର୍ଟ

ରାଜ୍ୟ ସରକାରଙ୍କର ସ୍କୁଲ୍ ମିଶ୍ରଣ ସମ୍ପର୍କିତ ମାମଲା ଗତକାଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠରେ ଶୁଣାଣି ହୋଇଥିଲା । ସ୍କୁଲ୍ ମିଶ୍ରଣର ନିଷ୍ପତ୍ତିକୁ ବିରୋଧ କରି ଜଣିକିଆ ଖଣ୍ଡପୀଠ ୨୦୨୧ ମସିହା ମଇ ମାସ ୪

ତାରିଖରେ ରାୟ ପ୍ରକାଶ କରିଥିଲେ । ହେଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାୟ ବିପକ୍ଷରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ପରବର୍ତ୍ତୀ ଚୂଡ଼ାନ୍ତ ଶୁଣାଣି ଆସନ୍ତା ଏପ୍ରିଲ ମାସ ୧୫ ତାରିଖରେ ହେବ ବୋଲି ଖଣ୍ଡପୀଠ କହିଛନ୍ତି ।

***Desk***

## ସକାଳୁଆ କୋର୍ଟ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଆସନ୍ତା ମାସ ଏପ୍ରିଲ୍ ୮ ତାରିଖରୁ ଜିଲ୍ଲା ଏବଂ ଅଧୀନସ୍ଥ କୋର୍ଟଗୁଡ଼ିକର ସକାଳ ୭ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଏହି ସମ୍ପର୍କରେ ସବୁ ଜିଲ୍ଲା କୋର୍ଟମାନଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଓ ପୁରୀ ବ୍ୟତୀତ ଅନ୍ୟ କୋର୍ଟଗୁଡ଼ିକ ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ କୁହାଯାଇଛି ।

***Desk***

## ବ୍ୟାଙ୍କ୍ ଛୁଟି

ଆସନ୍ତା ଆର୍ଥିକ ବର୍ଷ ୨୦୨୪-୨୫ର ପ୍ରଥମ ମାସ ଏପ୍ରିଲ୍‌ରେ ରାଜ୍ୟର ବ୍ୟାଙ୍କଗୁଡ଼ିକ ୯ ଦିନ ବନ୍ଦ ରହିବ । ରବିବାର ଏବଂ ଦ୍ୱିତୀୟ ଓ

ଚତୁର୍ଥ ଶନିବାରକୁ ମିଶାଇ ୬ଟି ବ୍ୟାଙ୍କ୍ ଛୁଟିଦିବସ ରହିଛି । ଏହାଛଡ଼ା ଏପ୍ରିଲ୍ ୧ ତାରିଖ, ୧୧ ତାରିଖ ଏବଂ ୧୭ ତାରିଖରେ ବ୍ୟାଙ୍କ ବନ୍ଦ ରହିବ ବୋଲି ରିଜର୍ଭ ବ୍ୟାଙ୍କ୍ ସୂତ୍ରରୁ ଜଣାପଡ଼ିଛି ।

***Desk***

# ଭାରତୀୟ ଅର୍ଥନୀତି

ଭାରତର ଅର୍ଥନୀତି ଆସନ୍ତା ୨୦୪୭ ମସିହା ସୁଦ୍ଧା ୮ ପ୍ରତିଶତ ଅଭିବୃଦ୍ଧି ହୋଇପାରିବ ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀକୃଷ୍ଣମୂର୍ତ୍ତି ଭେଙ୍କଟ ସୁବ୍ରମଣ୍ୟମ୍ କହିଛନ୍ତି । ଦେଶର ଅର୍ଥନୀତି ଏହି ଲକ୍ଷ୍ୟ ହାସଲ କଲେ ୫୫ ଲକ୍ଷ କୋଟି ଆମେରିକୀୟ ଡଲାରେ ପହଞ୍ଚିବ ବୋଲି ସେ କହିଛନ୍ତି । ସୂଚନା ଅନୁସାରେ, ୧୯୯୧ ମସିହାଠାରୁ ଭାରତର ଅର୍ଥନୀତି ହାରାହାରି ୭ ପ୍ରତିଶତରୁ ଅଧିକ ରହୁଛି ।

***Desk***

# ଗୁଡ୍ ଫ୍ରାଇଡେ

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ବଳିଦାନକୁ ସ୍ମରଣୀୟ କରିବା ଲାଗି ବିଶ୍ୱର କୋଣ ଅନୁକୋଣରେ ଆଜି ଶୁଭ ଶୁକ୍ରବାର - ଗୁଡ୍ ଫ୍ରାଇଡେ ପାଳନ କରାଯାଉଛି । ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଭାଇଭଉଣୀମାନେ ଆନନ୍ଦ ଉଲ୍ଲାସର ସହିତ ପୁରାତନ ଯୁଗର ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ଧାର୍ମିକ ଚିନ୍ତାଧାରା ଏବଂ ପବିତ୍ର ବାର୍ତ୍ତାକୁ

ସମାଜରେ ପ୍ରସାରିତ କରିବାପାଇଁ ଆଜିର ଦିନରେ ଆଗେଇ ଆସିଥାନ୍ତି । ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବାର୍ତ୍ତା ସମାଜରେ ଲୋକଙ୍କର ଦୁଃଖରୁ ମୁକ୍ତି ଦେବାରେ ସମର୍ପିତ ଥିଲା ।

ରାଜ୍ୟପାଳ ରଘୁବର ଦାସ ଗୁଡ୍ ଫ୍ରାଇଡେ ଅବସରରେ ତାଙ୍କ ବାର୍ତ୍ତାରେ କହିଛନ୍ତି, ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବଳିଦାନ ସ୍ମାରକୀ ବହନ କରୁଛି ଏବଂ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଆଉ କ୍ଷମାର ବାର୍ତ୍ତା ପ୍ରଦାନ କରୁଛି ।

*Desk*

# କଳାହାଣ୍ଡି କପ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ କଟକରେ ଚାଲିଥିବା ଆନ୍ତଃ-ଜିଲ୍ଲା ବରିଷ୍ଠ କଳାହାଣ୍ଡି କପ୍ ପ୍ରାରମ୍ଭିକ ଲିଗ୍ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର-ବି, ନୟାଗଡ଼ ଓ କେନ୍ଦୁଝର ବିଜୟୀ ହୋଇଛନ୍ତି । ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ବି ୭ ୱିକେଟ୍‌ରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା । ରେଭେନ୍ସା ପଡ଼ିଆରେ ଖେଳାଯାଉଥିବା ମ୍ୟାଚ୍‌ରେ ନୟାଗଡ଼ କୋରାପୁଟ୍‌କୁ ହରାଇଛି । ତୃତୀୟ ମ୍ୟାଚ୍‌ଟିରେ କେନ୍ଦୁଝର ୮ ୱିକେଟ୍‌ରେ ପୁରୀକୁ ପରାସ୍ତ କରିଥିଲା ।

***Desk***

# ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଛି । ପାଣିପାଗ ବିଭାଗ ସୂଚନା ଅନୁସାରେ ଗତକାଲି ପାରଳାଖେମୁଣ୍ଡି, ବୌଦ୍ଧ, ଟିଟିଲାଗଡ଼, ନୟାଗଡ଼ ଏବଂ ଭବାନୀପାଟଣାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀରୁ ଅଧିକ ଥିଲା । ପାରଳାଖେମୁଣ୍ଡିଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ଥିଲା । କଟକ ସମେତ ରାଜ୍ୟର ୧୩ଟି ସହରର ତାପମାତ୍ରା ୩୮ ଡିଗ୍ରୀରୁ ଅଧିକ ଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ରହିବ । ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ଯାଜପୁର ଜିଲ୍ଲାରେ ଆଜି କାଳବୈଶାଖୀର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*****